
ପୁସ୍ତକଚର୍ଚ୍ଚା
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ଭୁବନେଶ୍ୱର, ଓଡ଼ିଶା

## ବିଶ୍ୱ ପୁସ୍ତକ ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶୁଭକାମନା

ଆଜି 'ବିଶ୍ୱ ପୁସ୍ତକ ଦିବସ' ଅବସରରେ ସମଗ୍ର ବିଶ୍ୱବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି । ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନବିଭିନ୍ନ ଅନୁଷ୍ଠାନ ଯଥା- ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ରାଜ୍ୟ ଅଭିଲେଖାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଇତ୍ୟାଦି ଅନୁଷ୍ଠାନ ଭଳି ଓଡ଼ିଆ ଭାଷା ପ୍ରତିଷ୍ଠାନର ମଧ୍ୟ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପ୍ରକାଶିତ ତଥା ସଂଗୃହୀତ ଏବଂ ପ୍ରକାଶନ ନିମନ୍ତେ ସୃଷ୍ଟି ହେଉଥିବା ବହୁ ଉପାଦେୟ ପୁସ୍ତକ ଆଜିର ଏହି ବିଶ୍ୱ ପୁସ୍ତକ ଦିବସରେ ଆମେ ଓଡ଼ିଶା ତଥା ଓଡ଼ିଶା ବାହାରେ ରହୁଥିବା ଓଡ଼ିଶାବାସୀଙ୍କୁ ଉତ୍ସର୍ଗ କରୁଅଛୁ।

ଏପ୍ରିଲ ୧, ୨୦୦୬ ମସିହାରୁ ଓଡ଼ିଆ ଭାଷା ପ୍ରତିଷ୍ଠାନ କାର୍ଯ୍ୟକ୍ଷମ ହେବା ଦିନଠାରୁ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ପୁସ୍ତକ ପତ୍ରିକା, ଅନୁବାଦ ପୁସ୍ତକ ଇତ୍ୟାଦି ପ୍ରକାଶନ କରାଯାଇଛି । ଯଥା- ସାଧାରଣ ଓଡ଼ିଆ ବନାନ ଶୁଦ୍ଧି, ଡୁଡ ମାଂମାଂ (ହସଖେଳ), ଓଡ଼ିଆ ଚିତ୍ର ଶବ୍ଦ ବହି, Learn Odia Language (ଅଣ ଓଡ଼ିଆଙ୍କ ନିମନ୍ତେ ଓଡ଼ିଆ ଭାଷା ଶିକ୍ଷା), ଓଡ଼ିଆ ସାଂସ୍କୃତିକ ଶବ୍ଦାବଳୀ (ପଞ୍ଚସଖା ଖଣ୍ଡ), ପ୍ରଶାସନ ଶବ୍ଦକୋଷ, କାର୍ଯ୍ୟାଳୟ ନଥି, କଥିତ ଓଡ଼ିଆ ଶବ୍ଦକୋଷ, ଓଡ଼ିଶା ପ୍ରଦେଶ ଗଠନର ଇତିହାସ, ଓଡ଼ିଆ ଭାଷାର ଇତିବୃତ୍ତ, ଓଡ଼ିଶାର ଜନଜାତି : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ, ଓଡ଼ିଆ ଭାଷା ଦୀପିକା, ଯୋଗାଯୋଗର ଭାଷା ଓଡ଼ିଆ, ଓଡ଼ିଆ ଭାଷାତତ୍ତ୍ୱ କୋଷ, ବର୍ଣ୍ଣମାଳା ଆଲୋଚନା । ଏଥି ସହିତ 'ଶିଶୁଲେଖା' ପତ୍ରିକାର ୭ଟି ସଂସ୍କରଣ ଏବଂ ପଶ୍ଚିମବଙ୍ଗରେ ଅଧ୍ୟୟନ କରୁଥିବା ୭ମରୁ ୧୦ମ ଶ୍ରେଣୀ ପ୍ରବାସୀ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବଙ୍ଗଳା ପାଠ୍ୟପୁସ୍ତକକୁ ଓଡ଼ିଆରେ ଅନୁବାଦ କରାଯାଇ ମୁଦ୍ରିତ ପୁସ୍ତକକୁ ବିନା ମୂଲ୍ୟରେ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିତରଣ କରାଯାଇଅଛି ।

ଆଜି ବିଶ୍ୱ ପୁସ୍ତକ ଦିବସ ଅବସରରେ ସଂସ୍କୃତି ବିଭାଗ ତରଫରୁ ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସଂଗେସଂଗେ ପୁସ୍ତକ ସମସ୍ତଙ୍କ ଜୀବନର ସହୃଦୟ ବନ୍ଧୁ ହେଉ - ଆଜିର ଦିବସରେ କାମନା କରୁଛି ।

**ମନୋରଞ୍ଜନ ପାଣିଗ୍ରାହୀ**
ପ୍ରମୁଖ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ